# ଦ୍ୱିତୀୟ ପାଠ
# ମୌଳିକ କର୍ତ୍ତବ୍ୟ
# (Fundamental Duties)

ଅଧିକାର ଓ କର୍ତ୍ତବ୍ୟ ପରସ୍ପର ପରିପୂରକ । ବିନା କର୍ତ୍ତବ୍ୟ ସମ୍ପାଦନାରେ ଅଧିକାର ଉପଲବ୍ଧ ହେବା ସମ୍ଭବ ନୁହେଁ । ବ୍ୟକ୍ତିର ବିକାଶ ପାଇଁ ଓ ତା'ର ବ୍ୟକ୍ତିତ୍ୱର ପରିପ୍ରକାଶ ପାଇଁ ରାଷ୍ଟ୍ର ଯେଉଁଭଳି ଅଧିକାର ବ୍ୟକ୍ତିକୁ ପ୍ରଦାନ କରିଥାଏ, ପ୍ରତିବଦଳରେ ସେହିଭଳି ରାଷ୍ଟ୍ର ନିଜର ସୁପରିଚାଳନା ନିମନ୍ତେ ବ୍ୟକ୍ତିଠାରୁ କିଛି ମୌଳିକ କର୍ତ୍ତବ୍ୟ ଆଶା କରିଥାଏ । ତେଣୁ ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ସୁସମନ୍ୱୟ ରକ୍ଷା ହିଁ ଏକ ଆଦର୍ଶ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ସାହାଯ୍ୟ କରିଥାଏ ।

ଭାରତର ସମ୍ବିଧାନରେ ମୌଳିକ କର୍ତ୍ତବ୍ୟ ଏକ ଅଭିନବ ବ୍ୟବସ୍ଥା । ମୂଳ ସମ୍ବିଧାନରେ ମୌଳିକ ଅଧିକାର ସମ୍ପର୍କିତ ବ୍ୟବସ୍ଥା ଥିବାବେଳେ ମୌଳିକ କର୍ତ୍ତବ୍ୟ ବିଷୟରେ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା । ପ୍ରଥମଥର ପାଇଁ ସମ୍ବିଧାନରେ କିଛି ସଂସ୍କାର ଆଣିବା ଉଦ୍ଦେଶ୍ୟରେ ୧୯୭୬ ମସିହା ଫେବୃୟାରୀ ମାସରେ **ସ୍ୱରଣ ସିଂହ କମିଟି** ଗଠନ କରାଯାଇଥିଲା । ଉକ୍ତ କମିଟି ଆବଶ୍ୟକୀୟ ସଂସ୍କାର ଆଣିବା ଲାଗି ଅନେକ କ୍ଷେତ୍ରରେ ସୁପାରିସ ପ୍ରଦାନ କରିଥିଲା । ତତ୍‌ସହିତ ଏହି କମିଟି ସୁପାରିସ କରିଥିଲା ଯେ, ସମ୍ବିଧାନରେ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟଗୁଡ଼ିକର ଏକ ତାଲିକା ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

ତେଣୁ ୧୯୭୬ ମସିହାର **୪୨ ତମ ସଂଶୋଧନ** ଆଇନ ଦ୍ୱାରା ସମ୍ବିଧାନରେ **'ମୌଳିକ କର୍ତ୍ତବ୍ୟ'**ଗୁଡ଼ିକ ଯୋଗ କରାଗଲା ଓ ଭାରତ ସମ୍ବିଧାନର **ଚତୁର୍ଥ ଭାଗ(କ)ର ଧାରା ୫୧(କ)** ରେ **୧୦** ଗୋଟି ମୌଳିକ କର୍ତ୍ତବ୍ୟ ବିଷୟରେ ବର୍ଣ୍ଣନ କରାଗଲା । କିନ୍ତୁ ୨୦୦୨ ମସିହାର ୮୬ ତମ **ସମ୍ବିଧାନ ସଂଶୋଧନ ଆଇନ୍** ବଳରେ ଆଉ ଗୋଟିଏ ଅଧିକ ମୌଳିକ କର୍ତ୍ତବ୍ୟ ଏଥିରେ ଯୋଗ କରାଯିବାରୁ ସମୁଦାୟ ମୌଳିକ କର୍ତ୍ତବ୍ୟର ସଂଖ୍ୟା ଏବେ ୧୧ କୁ ବୃଦ୍ଧି ପାଇଛି । ସମ୍ବିଧାନରେ ପ୍ରଦତ୍ତ ଏହି ମୌଳିକ କର୍ତ୍ତବ୍ୟଗୁଡ଼ିକ ନାଗରିକମାନଙ୍କର ଆଇନଗତ, ରାଜନୈତିକ, ସାମାଜିକ, ସାଂସ୍କୃତିକ, ନୈତିକ, ଅର୍ଥନୈତିକ ଓ ଶିକ୍ଷାଗତ ଦାୟିତ୍ୱବୋଧକୁ ହିଁ ବୁଝାଇ ଥାଏ ।

## ମୌଳିକ କର୍ତ୍ତବ୍ୟର ମୁଖ୍ୟ ଲକ୍ଷଣ :

୧. ମୌଳିକ କର୍ତ୍ତବ୍ୟଗୁଡ଼ିକ ରାଷ୍ଟ୍ର ପାଇଁ ନର୍ଦ୍ଦେଶିତ ନୁହେଁ, ବରଂ ନାଗରିକମାନଙ୍କ ପାଇଁ ନିର୍ଦ୍ଦେଶିତ ।

୨. ବିଦେଶୀ ନାଗରିକମାନଙ୍କ ପାଇଁ ଏହା ଲାଗୁ ହୋଇ ପାରିବ ନାହିଁ । ଏହା କେବଳ ଭାରତୀୟ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ।

୩. କୌଣସି ଭାରତୀୟ ନାଗରିକ ଏହି ମୌଳିକ କର୍ତ୍ତବ୍ୟ ସମ୍ପାଦନ ନ କଲେ, ତାଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ।

## ଭାରତୀୟ ନାଗରିକମାନଙ୍କର ଏହି ୧୧ଟି ମୌଳିକ କର୍ତ୍ତବ୍ୟ ହେଲା :

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ-ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ). ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା, ଓ ହିଂସାଭାବ ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରି ପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବେ ।

## ମୌଳିକ କର୍ତ୍ତବ୍ୟ : ଏହାର ପ୍ରକାରଭେଦ

**(Classification of Fundamental Duties)**

**ମୌଳିକ କର୍ତ୍ତବ୍ୟଗୁଡ଼ିକ ସାଧାରଣତଃ ପାଞ୍ଚ ଭାଗରେ ବିଭକ୍ତ । ଏଗୁଡ଼ିକ ହେଲା –**

୧. **ଆଇନଗତ କର୍ତ୍ତବ୍ୟ (Legal Duty) :**

ଏହା ହେଲା, ସମ୍ବିଧାନର ସମ୍ମାନରକ୍ଷା କରିବା ।

୨. **ରାଜନୈତିକ କର୍ତ୍ତବ୍ୟ (Political Duty) :**

ଏହା ହେଉଛି ଭାରତର ସାର୍ବଭୌମ ରକ୍ଷା କରିବା, ଜାତୀୟ ସଂହତି ବଜାୟ ରଖିବା ଓ ଦେଶର ସୁରକ୍ଷା କରିବା ।

୩. **ସାମାଜିକ କର୍ତ୍ତବ୍ୟ (Social Duty) :**

ଏହା ହେଲା, ନାଗରିକମାନଙ୍କ ମଧ୍ୟରେ ସଦ୍‌ଭାବ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ମହିଳାମାନଙ୍କର ମର୍ଯ୍ୟାଦା ରକ୍ଷା କରିବା ।

୪. **ନୈତିକ କର୍ତ୍ତବ୍ୟ (Moral Duty) :**

ଦେଶକୁ ବାହ୍ୟ ଓ ଆଭ୍ୟନ୍ତରୀଣ ବିପଦରୁ ରକ୍ଷା କରିବା, ସ୍ୱାଧୀନତା ଆନ୍ଦୋଳନର ମହାନ୍ ନୀତି ଓ ଆଦର୍ଶକୁ ଅନୁସରଣ କରିବା ଏବଂ ଜାତୀୟ ସେବାରେ ନିଜକୁ ନିୟୋଜିତ କରିବା ଏହାର ଲକ୍ଷ୍ୟ ।

୫. **ଅର୍ଥନୈତିକ କର୍ତ୍ତବ୍ୟ (Economic Duty) :**

ଏହି କର୍ତ୍ତବ୍ୟଟି ହେଉଛି, ରାଷ୍ଟ୍ରୀୟ ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ପରିବେଶର ସୁରକ୍ଷା ସମ୍ପର୍କିତ ।

## ମୌଳିକ କର୍ତ୍ତବ୍ୟର ଗୁରୁତ୍ୱ

**(Significance of Fundamental Duties)**

ମୌଳିକ କର୍ତ୍ତବ୍ୟ ଗୁଡ଼ିକର ବିଶେଷ ଗୁରୁତ୍ୱ ରହିଛି । ତାହାର କାରଣ ହେଲା –

୧. ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ପରସ୍ପର ପରିପୂରକ । ନାଗରିକମାନେ ମୌଳିକ ଅଧିକାର

ପାଇଥିବାରୁ ମୌଳିକ କର୍ତ୍ତବ୍ୟ ପାଳନ କରିବା ଦରକାର ।

୨. ମୌଳିକ କର୍ତ୍ତବ୍ୟଗୁଡ଼ିକ ନାଗରିକମାନଙ୍କୁ ଅଧିକ ଦେଶପ୍ରେମୀ କରାଇଥାଏ । ଏଥିରୁ ଦେଶ ଓ ଜାତିପାଇଁ କାର୍ଯ୍ୟ କରିବାକୁ ଉତ୍ସାହ ମିଳେ । ମୌଳିକ କର୍ତ୍ତବ୍ୟ ପାଳନ କଲେ ନାଗରିକ ଦେଶର କଲ୍ୟାଣ ଓ ରାଷ୍ଟ୍ରର ଗଠନ ପାଇଁ ସଚେତନ ହୁଏ ।

୩. ମୌଳିକ କର୍ତ୍ତବ୍ୟଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କ ପାଇଁ **ଏକ ଆଦର୍ଶ ଆଚରଣବିଧି ଅଟେ ।** ଏହାକୁ ପ୍ରତ୍ୟେକ ନାଗରିକ ପାଳନ କଲେ ସମାଜରେ ଶୃଙ୍ଖଳା ରହିପାରିବ ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତର ସମ୍ବିଧାନରେ ପ୍ରଦତ୍ତ ମୌଳିକ କର୍ତ୍ତବ୍ୟର ତାତ୍ପର୍ଯ୍ୟ ବର୍ଣ୍ଣନା କର ?

(ଖ) ମୌଳିକ କର୍ତ୍ତବ୍ୟଗୁଡ଼ିକ 'ଏକ ଅଭିନବ ବ୍ୟବସ୍ଥା'- ଏହା କାହିଁକି କୁହାଯାଏ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ ।**

(କ) ଏକାଦଶତମ ମୌଳିକ କର୍ତ୍ତବ୍ୟର ଗୁରୁତ୍ୱ ବୁଝାଇ ଲେଖ ।

(ଖ) ଉଦାହରଣ ସହିତ ସାମାଜିକ ମୌଳିକ କର୍ତ୍ତବ୍ୟ ବିଷୟ ଆଲୋଚନା କର ।

(ଗ) 'ଭାରତୀୟ ନାଗରିକଙ୍କମାନଙ୍କର ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ପରସ୍ପର ପରିପୂରକ' – ଏହାର ତାତ୍ପର୍ଯ୍ୟ ଲେଖ ।

(ଘ) ଭାରତୀୟ ନାଗରିକମାନଙ୍କର ରାଜନୈତିକ କର୍ତ୍ତବ୍ୟ ବୁଝାଇ ଲେଖ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେଉଁମାନଙ୍କ ପାଇଁ ଆମଦେଶରେ ମୌଳିକ କର୍ତ୍ତବ୍ୟଗୁଡ଼ିକ ଉଦ୍ଦିଷ୍ଟ ?

(ଖ) ଜଣେ ନାଗରିକ ନିଜର ମୌଳିକ କର୍ତ୍ତବ୍ୟ ସମ୍ପାଦନ ନକଲେ ତାଙ୍କ ବିରୋଧରେ ଆଇନଗତ ବ୍ୟବସ୍ଥା କରାଯାଇପାରିବ କି ?

(ଗ) ମୌଳିକ କର୍ତ୍ତବ୍ୟଗୁଡ଼ିକ ମୁଖ୍ୟତଃ କେତେ ପ୍ରକାରର ?

(ଘ) କେବେ ମୌଳିକ କର୍ତ୍ତବ୍ୟଗୁଡ଼ିକ ଆମ ସମ୍ବିଧାନରେ ଯୋଗ କରାଯାଇଛି ?

***ତୁମ ପାଇଁ କାମ :***

***ଭାରତ ବ୍ୟତୀତ ଅନ୍ୟ ଗୋଟିଏ ରାଷ୍ଟ୍ରର ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***